# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 1662 CUTTACK, MONDAY, JULY 10, 2023/ASADHA 19, 1945**

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

### ଘୋଷଣା

The 6th June 2023

**S.R.O. No. 449**/2023— ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୮ ଅଧିନିୟମ ୨ ଅନୁସାରେ କେନ୍ଦୁଝର ଜିଲ୍ଲାର ୦୧ ଗୋଟି ତହସିଲର ୦୧ ଟି ଗ୍ରାମପଞ୍ଚାୟତର ୦୧ ଗୋଟି ଗ୍ରାମର ର ୦.୨୨୪ ଏକର ଏକସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ରିମୁଳି ରାସ୍ତାରେ ଅରଡେଇ ନଦୀ ଉପରେ ଏଚ. ଏଲ ପୋଲ ନିର୍ମାଣ ନିମନ୍ତେ ନିର୍ବାହୀ ଯନ୍ତ୍ରୀ ଡିଭିଜନ-୨, କେନ୍ଦୁଝର ଗ୍ରାମ୍ୟ ଉନ୍ନୟନ ବିଭାଗଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି । ଏହାଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଥିବା ନିମ୍ନସୂଚୀତ 'କ' ତଫସିଲ ଜମି ନିମନ୍ତେ, କେନ୍ଦୁଝର ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟକୁ ତର୍ଜମା କରି ସରକାରଙ୍କ ଦ୍ୱାରା ନିମ୍ନୋକ୍ତ ନିଷ୍ପତ୍ତି ନିଆଗଲା ।

୧. ରିମୁଳି ରାସ୍ତାରେ ଅରଡେଇ ନଦୀ ଉପରେ ଏଚ. ଏଲ ପୋଲ ନିର୍ମାଣ ନିମନ୍ତେ ଅଧିଗ୍ରହଣ କରାଯାଉଥିବା ୦୧ଟି ଗ୍ରାମର ଏକର ୦.୨୨୪ ଡି. ଜାଗା ଯଥାର୍ଥରେ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଉଦ୍ଦିଷ୍ଟ।

*୨. ଏହି ପ୍ରକଳ୍ପ* ପାଇଁ ୦୧ ଟି ଗ୍ରାମରେ ଏକର ୦.୨୨୪ ଡି. ଜାଗା ଅଧିଗୃହିତ ହେବ ଏବଂ ଜିଲ୍ଲାପାଳ, କେନ୍ଦୁଝରଙ୍କ ପ୍ରଦତ୍ତ ବିବରଣୀ (ରିପୋର୍ଟ) ଅନୁଯାୟୀ ଆଂଶିକ ପରିବାର କ୍ଷତିଗ୍ରସ୍ତ ହେଉଛନ୍ତି ।

୩. ଏହି ପ୍ରକଳ୍ପ ନିମିତ୍ତ ଅଧିଗୃହିତ ହେଉଥିବା ଜମିର ଲୋକଙ୍କ ପାଇଁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଅନୁସାରେ ଏବଂ ଓଡିଶା ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ, ୨୦୧୬ ନିୟମ ଅନୁଯାୟୀ ଉଚିତ କ୍ଷତିପୂରଣ କରାଯିବ ।

୪.ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ପରିମାଣର ଜମି ଅଧିଗ୍ରହଣ କରିବା ପାଇଁ ଧ୍ୟାନ ଦିଆଯାଇଛି ଏବଂ ଏହାଦ୍ୱାରା ଲୋକଙ୍କ ଉପରେ ସର୍ବନିମ୍ନ ବିପରୀତ ପ୍ରଭାବ ପଡିବ ।

୫. ପୂର୍ବରୁ ଏହି ଗ୍ରାମରେ ଅଧିଗୃହିତ ହୋଇଥିବା ବଳକା ଜମି ନାହିଁ । ଏହି ପ୍ରସସ୍ତିକରଣ ଯୋଜନା ଦ୍ୱାରା ସାଧାରଣ ଜନତା ଏବଂ ଜମିହରାମାନେ ଉପକୃତ ହେବେ ।

୬. ପ୍ରଭାବିତ ଗ୍ରାମରେ ଜନଶୁଣାଣି ମଧ୍ୟ କରାଯାଇଅଛି । ଜିଲ୍ଲାପାଳ କେନ୍ଦୁଝରଙ୍କ ଦ୍ୱାରା ପ୍ରେରିତ ପତ୍ର କ୍ରମାଙ୍କ 231/29.05.2023ର ସମସ୍ତ ପ୍ରସ୍ତାବକୁ ବିଚାରକୁ ନେଇ ନିର୍ବାହୀ ଯନ୍ତ୍ରୀ ଡିଭିଜନ-୨, କେନ୍ଦୁଝର ଗ୍ରାମ୍ୟ ଉନ୍ନୟନ ବିଭାଗ, କେନ୍ଦୁଝର କର୍ତ୍ତୃପକ୍ଷ କାର୍ଯ୍ୟ ନିର୍ବାହ କରିବେ ।

ଓଡିଶା ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ନିୟମାବଳୀ, ୨୦୧୬ର ନିୟମ ୧୭ ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ଜିଲ୍ଲାପାଳ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟକୁ ପରୀକ୍ଷା କରିନିୟମ ୧୫ ଅନୁସାରେ ଓଡିଆ ଭାଷାରେ ଅନୁରୁପ ଭାବରେ ଉପସ୍ଥାପିତ କରାଗଲା । ଏହାପରେ ନ୍ୟାୟୋଚିତ କ୍ଷତିପୁରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ, ୨୦୧୩ର ଧାରା ୧୧ର ଅଧିନିୟମ ୧ରେ ଘୋଷଣା ପାଇଁ ପ୍ରୟୋଜନ କରାଯିବ ।

**ତଫସିଲ- କ**

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: -କେନ୍ଦୁଝର                                ତହସିଲ: - ଚମ୍ପୁଆ

| ଗ୍ରାମରନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତାନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକରରେ ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭. | ୮ |
| ରିମୁଳି | **ଗ୍ରାମାଞ୍ଚଳ** | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୦.୨୨୪ | ଏଥିସହିତ ସଂଲଗ୍ନ |

ସର୍ବମୋଟ ଜାଗା ଏକର**୦.୨୨୪** ଡି.

ଭୂମି ଅନୁସୁଚୀ

ପ୍ରକଳ୍ପ ର ନାମ - ଅରଡେଇ ନଦୀ ଉପରେ ଏଚ. ଏଲ ପୋଲ ନିର୍ମାଣ

ମୌଜା – ରିମୁଳି　　　　　　　　　　　　　　ଥାନା ନଂ – ୧୦୫

ଥାନା – ଚମ୍ପୁଆ　　　　　　　　　　　　　　ତହସିଲ ନଂ – ୦୩

ତହସିଲ – ଚମ୍ପୁଆ

ଜିଲ୍ଲା – କେନ୍ଦୁଝର

| କ୍ରମିକ ନଂ | ଖତିଆନ ନଂ | ପ୍ରଜାର ନାମ ଓ ଠିକଣା | ପ୍ଲଟ୍ ନଂ | କିସମ | ମୋଟ ରକବା | ଅର୍ଜନ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୧୬୧ | ଦୁଃଖବନ୍ଧୁ ପାତ୍ର, ଅଞ୍ଜନି ପାତ୍ର, ବାସୁମତି ପାତ୍ର, ସାବିତ୍ରୀ ପାତ୍ର, କସ୍ତୁରି ପାତ୍ର ପି-ବୁଧୁ ପାତ୍ର , ଟିକିଲି ପାତ୍ର ସ୍ୱା -ବୁଧୁ ପାତ୍ର ଜା :ପାଣ ବା : ନିଜଗାଁ | ୨୮୨୦ | ବିଆଲି | ୧. ୨୨ | ୦. ୦୨୪ | |
| ୨ | ୨୬୬ | ବିରଞ୍ଚି ନାରାୟଣ ବେହେରା ପି : କାଙ୍ଗାଳି ବେହେରା, ସାର ବେହେରା ସ୍ୱା : କାଙ୍ଗାଳି ବେହେରା ଜା :ଧୋବା ବା: ନିଜଗାଁ | ୨୮୧୮ | ଶାରଦ–୨ | ୦. ୪୨ | ୦. ୧୦ | |
| ୩ | ୫୨୪/୬୮ | ଦୁଷ୍ମନ୍ତ ଦେହୁରି, ଦୁର୍ଯୋଧନ ଦେହୁରି, ପିତା ମାୟାଧର ଦେହୁରି, ଭିକାରି ଦେହୁରି, ପିତା : ବୈକୁଣ୍ଠ ନାଥ ଦେହୁରି, ଜାତି : ଭୂୟାଁ, ବାସସ୍ଥାନ : ନିଜଗାଁ, ବି :କେ : | ୨୮୨୨ | ଶାରଦ–୩ | ୦. ୮୬ | ୦. ୦୮ | |

| | | | | | | | |
|---|---|---|---|---|---|---|---|
| | | :ନଂ୪୨/ସ୍ନ :,1985-86 ମସିହା ଆଦେଶ ମତେ। | | | | | |
| ୪ | ୫୨୪/7୨ | କାଠିଆ ଦେହୁରି, ସନାତନ ଦେହୁରି, କହ୍ନେଇ ଦେହୁରି ପିତା : ଜଗନ୍ନାଥ ଦେହୁରି, ଜାତି : ଭୂୟାଁ, ବାସସ୍ଥାନ : ନିଜଗାଁ,ବି .କେ . ନମ୍ବର ୪୪/ସ୍ନ : 1985-86 ମସିହା ଆଦେଶ ମତେ । | ୨୮୨୧ | ଶାରଦ–୩ | 0.14 | ୦. ୦୧ | |
| ୫ | ୫୬ | କୁଶ ଟାଙ୍ଗଣିଆ ପି -ଜଗ ଟାଙ୍ଗଣିଆ ଜା:ସାଉଁନ୍ତି ବା : ନିଜଗାଁ | ୨୮୨୩ | ତଇଳା–1 | ୦. ୩୫ | ୦. ୦୧ | |
| | | | | ମୋଟ | ୨. ୯୯ | ୦. ୨୨୪ | |

**[No. 20579—RDM-LAC-KNJ-0014-2022-R&DM]**

ରାଜ୍ୟପାଳଙ୍କ ଆଦେଶ କ୍ରମେ
ମଧୁସ୍ମିତା ସାହୁ
ଅତିରିକ୍ତ ଶାସନ ସଚିବ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 947—173+0